# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା-୪୪/୨୫**

**ଜିଲ୍ଲା-ଭଦ୍ରକ** **ତା.୦୩.୦୬.୨୦୨୫**

**ପାଣିପାଗ ପୂର୍ବାନୁମାନ (ତା.୦୮.୦୬.୨୦୨୫ ପର୍ଯ୍ୟନ୍ତ )- ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁୟାୟୀ,ଜିଲ୍ଲାରେ ଆସନ୍ତା ଦିନ ଅତି ହାଲୁକା ରୁ ହାଲୁକା ବର୍ଷା ଏବଂ ଶେଷ ୪ ଦିନ ମୁଖ୍ୟତ ଶୁଖିଲା ପାଗ ହେବାର ସମ୍ଭାବନା ଅଛି ।** ପବନର ବେଗ ୦୮-୧୮ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୯-୪୧° C ଏବଂ ୨୭-୨୮° C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BHADRAK | 04-06-2025 | 1 | 39 | 29 | 2 | 65 | 21 | 18 | 249 |
| | 05-06-2025 | 0 | 40 | 28 | 1 | 68 | 24 | 11 | 261 |
| | 06-06-2025 | 0 | 40 | 28 | 2 | 71 | 25 | 8 | 241 |
| | 07-06-2025 | 0 | 41 | 28 | 2 | 69 | 27 | 12 | 229 |
| | 08-06-2025 | 0 | 41 | 27 | 1 | 65 | 26 | 11 | 218 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| | | |
|---|---|---|
| **ସାଧାରଣ ଉପଦେଶ** | ➢ ପାଣିପାଗ ବିଭାଗ ଦ୍ୱାରା ଜାରି ଜିଲ୍ଲାସ୍ତରୀୟ ପାଣିପାଗ ସତର୍କତା ଅନୁଯାୟୀ , ଜିଲ୍ଲାରେ ଆଗକୁ ତାପମାତ୍ରା ବଢ଼ିବାର ସମ୍ଭାବନା ଅଛି,ଆବଶ୍ୟକ ଅନୁସାରେ ଜଳସେଚନ କରନ୍ତୁ।<br>➢ କୃଷକମାନେ ଖରିଫ ଫସଲ ଉତ୍ପାଦନ ପାଇଁ ଜମି ପ୍ରସ୍ତୁତି/ଖରାଟିଆ ହଳ କରନ୍ତୁ ।<br>➢ ବର୍ଷାଜଳର ଉତ୍ତମ ବିନିୟୋଗ ପାଇଁ ମୌସୁମୀ ବର୍ଷା ପୂର୍ବରୁ ଠିକ୍ ସମୟରେ ପନିପରିବା ରୋପଣ ପାଇଁ ନର୍ସରୀ ଶଯ୍ୟାକୁ ପ୍ରସ୍ତୁତ କର।<br>➢ ଗାଈଗୋରୁଙ୍କୁ ସ୍ୱଛ ଓ ପର୍ଯ୍ୟାପ୍ତ ପରିମାଣର ପାଣି ଯୋଗାଇ ଦିଅନ୍ତୁ। ସେମାନଙ୍କୁ ସକାଳେ କିମ୍ବା ମଧାହ୍ନ ସମୟରେ ଚାରଣ ପାଇଁ ନିଅନ୍ତୁ। | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| **ଖରିଫ ଧାନ** | **ଜମି ପ୍ରସ୍ତୁତି** | ➢ ଛଟା ବୁଣା ଧାନ ପରିବର୍ତ୍ତେ ଯନ୍ତ୍ରଚାଳିତ ଧାଡ଼ି ବୁଣା ଧାନ ଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ । କିସମ ନିର୍ବାଚନ ସହ ବିହନ ବିଷୋଧନ ଓ ଅନୁମୋଦିତ ସାର ପରିଚାଳନା ଉପରେ ଗୁରୁତ୍ବ ଦିଅନ୍ତୁ ।<br>➢ ଆଗାମୀ ବୃଷ୍ଟିପାତ କୁ ନଜରରେ ରଖି କୃଷକମାନଙ୍କୁ ଖରିଫ ଫସଲ ଉତ୍ପାଦନ ପାଇଁ ଜମି ପ୍ରସ୍ତୁତି /ଖରାଟିଆ ହଳ କରନ୍ତୁ ।ସବୁଜ ଖତ ହିସାବରେ ଧଣିଚା ବିହନ ୧୨kg/ଏକର ବୁଣନ୍ତୁ।<br>➢ ଧାନ ଚାଷ ପାଇଁ ଗୁଣବତ୍ତା ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ଅଙ୍କୁରଣ ପରୀକ୍ଷା କରିବା ଉଚିତ । ଶେଷ ଜମି ପ୍ରସ୍ତୁତି ସମୟରେ 2 ଟନ୍ ବିଘଟିତ ଗୋବର ଖତ ପ୍ରୟୋଗ କରନ୍ତୁ। |
| **ଖରାଟିଆ ଧାନ** | **ଅମଳ ପରବର୍ତୀ ଯତ୍ନ** | ଖାଦ୍ୟ ପାଇଁ ୧୪% ଆର୍ଦ୍ରତା ଏବଂ ବିହନ ପାଇଁ ୧୨% ଆର୍ଦ୍ରତା ପର୍ଯ୍ୟନ୍ତ ଶସ୍ୟକୁ ୩-୪ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟ ତଳେ ଶୁଖାଯିବା ଉଚିତ। |
| **ଆଖୁ** | **ଅଙ୍ଗୀୟ ବୃଦ୍ଧି ଅବସ୍ଥା** | ➢ ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ ।<br>➢ ମଧ୍ୟମ ଓ ବିଳମ୍ବ କିସମ ଫସଲ ୪ ରୁ୫ ମାସ ବେଳକୁ ଗଛରେ ଭେଳା ବାନ୍ଧନ୍ତୁ । |
| **ପନିପରିବା** | **ନର୍ସରୀ/ଫୁଲ** | ➢ ବାଇଗଣ ଓ ଲଙ୍କା ଭଳି ଖରିଫ୍ ପନିପରିବା ଠିକ୍ ସମୟରେ ରୋପଣ ପାଇଁ ନର୍ସରୀ ଶଯ୍ୟାକୁ ପ୍ରସ୍ତୁତ କର ଏବଂ |

| | | |
|---|---|---|
| | /ଫଳ ଅବସ୍ଥା | ବିହନକୁ (କାର୍ବକ୍ସିନ+-ଥିରମ)@2 ଗ୍ରାମ୍/କିଲୋ ବିହନରେ ବିଶୋଧନ କର।<br>➢ **ବାଇଗଣ,ଭେଣ୍ଡି** ଏବଂ **ଟମାଟ** ଫସଲରେ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୭୦ ମି.ଲି. ସ୍ପିନୋସାଡ କିମ୍ବା Thiachloprid @୨୫୦ମିଲି /ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । |
| ଫଳ | | ➢ ଆଗକୁ ୫ ଦିନ ତାପମାତ୍ରା ବଢିବାର ସମ୍ଭାବନା ଅଛି,ଆବଶ୍ୟକ ଅନୁସାରେ ଜଳସେଚନ କରନ୍ତୁ।<br>➢ ଅମୃତଭଣ୍ଡା ରେ ଧଳାମାଛି କୁ ନିୟନ୍ତ୍ରଣ କରିବା ପାଇଁ ହଳଦିଆ ଫାଶ ଲଗାନ୍ତୁ । |
| ମାଛ ଚାଷ | | ➢ ପୋଖରୀ କୁ ଭଲ ଭାବରେ ପ୍ରସ୍ତୁତ କରିବା ରି ପାଇଁ ଚୂନ ୬୦-୮୦ କେଜି ପ୍ରତି ଏକର ହିସାବରେ ପ୍ରୟୋଗ କରନ୍ତୁ ।ପୋଖରୀର ଜଳ ସ୍ତର ୫ ft ବଜାୟ ରଖନ୍ତୁ। |
| ପଶୁପାଳନ | | ➢ ଆସନ୍ତା ଦିନ ପାଇଁ ଶୁଖିଲା ପାଣିପାଗର ପୂର୍ବାନୁମାନ କରାଯାଉଥିବାରୁ ପଶୁମାନଙ୍କୁ ପର୍ଯ୍ୟାପ୍ତ ପରିଷ୍କାର ପାନୀୟ ଜଳ ସହିତ ପର୍ଯ୍ୟାପ୍ତ ପରିମାଣର ସବୁଜ ଚାରା ଯୋଗାନ୍ତୁ\|<br>➢ ପଶୁମାନଙ୍କୁ ରୋଗରୁ ରକ୍ଷା କରିବା ପାଇଁ ଗୁହାଳକୁ ସଫା ରଖନ୍ତୁ। |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital